ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

# DISTRICT PROJECT OFFICE, SAMAGRA SHIKHYA, GAJAPATI

**Letter No:** 2123 **Date:** 18-08-2025

## QUOTATION CALL NOTICE

Sealed quotations are invited from required parties for printing & Supply of "Leaflet for AASA SCHOOL JIBA programme."

Intending bidders may submit the quotation to the undersigned for printing, and supply per leaflet including all cost and taxes etc.

**Specifications :**

| | |
|---|---|
| Paper Size - | A5 |
| GSM | 75 GSM |
| Colour - | Multi Colour |
| Quantity- | 45000 (approximately) |
| Soft Copy- | Printable file |

The quotation papers will be opened at District Project office on dated – 25-08-2025 (1.00PM) in the presence of the bidder or their authorized representatives. Quotation papers found to be wanting in any of the terms and conditions will be summarily rejected. The bidder must have Valid Aadhar Udyog Registration for printing works, Office as well as printing setup in the State of Odisha, Valid PAN, Valid GST Registration under Odisha GST (OGST) Act.

The authority reserves the right to reject any of the tenders without any reason, thereof.

18.8.25

**District Education Officer-Cum- DPC**
**Samagra Sikhya, Gajapati,**

Memo No: 2124 Date: 18-08-2025

Copy submitted to State Project Director, OSEPA, Bhubaneswar, Odisha for kind information and necessary action.

18.8.25

**District Education Officer-Cum- DPC**
**Samagra Sikhya, Gajapati,**

# ଆସ ସ୍କୁଲ ଯିବା

**ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ**



ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କର ବିଦ୍ୟାଳୟରେ ପାଠ ପଢ଼ିବାର ଅଧିକାର ଅଛି । ଓଡ଼ିଶା ସରକାର ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ନେଇ ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ସରକାରଙ୍କ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସ୍ୱପ୍ନର ଓଡ଼ିଶା ଗଠନର ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ଯାହା ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଆସିଲେ ପୂରଣ ହୋଇପାରିବ ।

କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁ ନ ଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡ଼ିବା ପାଇଁ ଜନ୍ମରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି । ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ ରାଜ୍ୟସ୍ତରୀୟ ଅଭିଯାନ 'ଆସ ସ୍କୁଲ୍ ଯିବା' ଆରମ୍ଭ କରାଯାଇଛି ।

ଏହି ଅଭିଯାନ ମାଧ୍ୟମରେ ୫+ ରୁ ୧୮ ବର୍ଷ ବୟସର ପ୍ରତ୍ୟେକ ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିସହ ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ଗୁଣାତ୍ମକ, ଅନ୍ତର୍ଭୁକ୍ତ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା, ବାଲ୍ୟବିବାହ, ଶିଶୁଶ୍ରମ ଏବଂ ଶିଶୁ ଚାଲାଣ ଭଳି ସାମାଜିକ ସଙ୍କଟକୁ ରୋକିବା, ବିଦ୍ୟାଳୟରେ ୧୦୦% ନାମଲେଖା ସୁନିଶ୍ଚିତ କରିବା ନେଇ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର ।

## ଉଦ୍ଦେଶ୍ୟ

- ଯେଉଁ ପିଲାମାନେ ପୂର୍ବରୁ ବିଦ୍ୟାଳୟରେ ନାମ ଲେଖାଇଥିଲେ କିନ୍ତୁ ଏବେ ପାଠପଢ଼ା ଛାଡ଼ି ଦେଇଛନ୍ତି ସେମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବା ।
- ଯେଉଁମାନେ କେବେ ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି ସେମାନଙ୍କୁ ବୟସ ଅନୁସାରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ।
- ବର୍ତ୍ତମାନ ବିଦ୍ୟାଳୟରେ ନାମ ଲେଖାଇଥିବା ପିଲାମାନେ ଯେପରି ଅଧାରୁ ପାଠପଢ଼ା ଛାଡ଼ିବେ ନାହିଁ ଏବଂ ବିଦ୍ୟାଳୟରେ ରହି ପାଠପଢ଼ା ଜାରୀ ରଖିବେ ତାହା ସୁନିଶ୍ଚିତ କରିବା ।
- ପିଲାମାନଙ୍କୁ ଶିକ୍ଷା ସହ ଯୋଡ଼ିରଖିବା ପାଇଁ ସେମାନଙ୍କୁ ଆବଶ୍ୟକ ଅନୁଯାୟୀ ବିଶେଷ ସାହାଯ୍ୟ ପ୍ରଦାନ କରିବା ।


**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

## କାର୍ଯ୍ୟକ୍ରମ

- **ପ୍ରାକ୍ ପ୍ରସ୍ତୁତି :** 'ଆସ ସ୍କୁଲ୍ ଯିବା' ଅଭିଯାନକୁ ସଫଳ କରିବା ପାଇଁ ଅଧାରୁ ପାଠ ଛାଡ଼ିଥିବା ଓ ଆଦୌ ନାମଲେଖାଇ ନଥିବା ପିଲାମାନଙ୍କର ତାଲିକା ବିଦ୍ୟାଳୟ ସ୍ତରରେ ପ୍ରଦାନ କରାଯାଇଛି । ପିଲାମାନଙ୍କ ନାମ ଲେଖାଇବା ପାଇଁ ପିତାମାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଏଥିପାଇଁ 'ଗୃହ ପରିଦର୍ଶନ ତଥ୍ୟ ପୁସ୍ତିକା' ଉପଲବ୍ଧ କରାଯାଉଛି ।
- **ପ୍ରଚାର ଓ ପ୍ରସାର :** ଅଭିଭାବକ, ଶିକ୍ଷକ / ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର **ସ୍ୱତନ୍ତ୍ର ବୈଠକ** ଆୟୋଜିତ ହେଉଛି । ବହୁଭାଷୀ ଶିକ୍ଷା – ଶିକ୍ଷାର୍ଥୀମାନଙ୍କର ତଥ୍ୟ ଓ ଚିହ୍ନଟିକରଣ ହେଉଛି । ଅନ୍ତର୍ନିବେଶୀ ଶିକ୍ଷାର୍ଥୀମାନଙ୍କର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ସ୍ୱତନ୍ତ୍ର ସେମିନାର୍ ଓ ପରାମର୍ଶ କୈନ୍ଦ୍ରିକ ବୈଠକ ଆୟାଜିତ ହେଉଛି ।
- **ପଦଯାତ୍ରା :** ବିଦ୍ୟାଳୟ ସହିତ ଜଡ଼ିତ ଥିବା ଗୋଷ୍ଠୀ ଅଭିଭାବକ, ପିତାମାତା, ଶିକ୍ଷକ/ଶିକ୍ଷୟିତ୍ରୀ, ଶିକ୍ଷାର୍ଥୀ, ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ସଦସ୍ୟଙ୍କୁ ନେଇ 'ଆସ ସ୍କୁଲ୍ ଯିବା' ଅଭିଯାନର ପଦଯାତ୍ରା ହେଉଛି ।
- **ଆଞ୍ଚଳିକ ସ୍ତରରେ ଶିକ୍ଷା ସଭା :** ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ଶିକ୍ଷା ସଭାର ଆୟୋଜନ କରିବେ । ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବେ । ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ସାଂସଦ, ବିଧାୟକ, ନିର୍ବାଚିତ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରିବେ ।

## ଆମ ଦାୟିତ୍ୱ

- **ଶିକ୍ଷକ/ଶିକ୍ଷୟିତ୍ରୀ :** ନୂତନ ଭାବରେ ନାମ ଲେଖାଇଥିବା ପିଲାମାନଙ୍କର ଶିକ୍ଷଣ ସ୍ତରର ମାନନିର୍ଦ୍ଧାରଣ କରିବେ । ବୟସ ଏବଂ ପାଠ୍ୟକ୍ରମ ଅନୁସାରେ ଶିକ୍ଷାଦାନ ଯୋଜନା ପ୍ରସ୍ତୁତ କରିବେ । ପିଲାମାନଙ୍କର ନିୟମିତ ଉପସ୍ଥାନକୁ ପ୍ରୋତ୍ସାହିତ କରିବେ ।
- **ଗୋଷ୍ଠୀ :** 'ଆସ ସ୍କୁଲ ଯିବା' ଅଭିଯାନକୁ ଏକ ଗଣ ଆନ୍ଦୋଳନ କରିବାରେ ସହଯୋଗ କରିବେ । ଅଭିଯାନର ପ୍ରଚାର ପ୍ରସାର ଏବଂ ପୁନଃ ନାମଲେଖାରେ ସହଯୋଗ କରିବେ ।
- **ଅଭିଭାବକ :** ପିଲାମାନଙ୍କୁ ବିଦ୍ୟାଳୟ ପଠାଇବାର ଦାୟିତ୍ୱ ନେବେ । ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବେ ଏବଂ ପିଲାମାନଙ୍କୁ ଶିଖିବାରେ ସାହାଯ୍ୟ କରିବେ । ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ସହିତ ଯୋଗାଯୋଗ ବଜାୟ ରଖିବେ ।
- **ଶିକ୍ଷାର୍ଥୀ :** ନିଜ ଗାଁ / ସାହି / ପଡ଼ାରେ ଥିବା ସାଙ୍ଗସାଥୀ / ଭାଇ ଭଉଣୀ ସମସ୍ତଙ୍କୁ ନିୟମିତ ବିଦ୍ୟାଳୟକୁ ଆସିବାକୁ ଉତ୍ସାହିତ କରିବେ ।



**ଆସ ସ୍କୁଲ ଯିବା**
**ପାଠ ପଢ଼ି ବିକଶିତ ଓଡ଼ିଶା ଗଢ଼ିବା**